## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ

## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ

## ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ,ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୫ , ବୁଲେଟିନ ନମ୍ବର-୨୯ , ତାରିଖ :୦୯।୦୪।୨୦୨୪,ମଙ୍ଗଳ ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୧୦.୦୪.୨୦୨୪–୧୪.୦୪.୨୦୨୪ ,ବୁଧବାର – ରବିବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୯-୩୭$^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୨୨ -୨୭ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୪୧–୬୨%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୧୫–୪୧%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୧୦-୦୪-୨୦୨୪ | ୧ | ୨୯ | ୨୨ | ୬ | ୪୬ | ୧୫ | ୮ | ୧୫୮ |
| | ୧୧-୦୪-୨୦୨୪ | ୦ | ୩୨ | ୨୪ | ୪ | ୫୬ | ୨୪ | ୬ | ୧୩୫ |
| | ୧୨-୦୪-୨୦୨୪ | ୦ | ୩୬ | ୨୬ | ୫ | ୬୨ | ୪୧ | ୬ | ୧୧୦ |
| | ୧୩-୦୪-୨୦୨୪ | ୫ | ୩୭ | ୨୭ | ୨ | ୫୨ | ୧୯ | ୪ | ୧୪୪ |
| | ୧୪-୦୪-୨୦୨୪ | ୨ | ୩୭ | ୨୭ | ୧ | ୪୧ | ୧୮ | ୫ | ୨୦୨ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ : ବିଶେଷ ସତର୍କତା :** ଉକ୍ତ ଏପ୍ରିଲ ମାସର ଆଗାମୀ ପାଞ୍ଚ ଦିନରେ ଦେଓଗଡ ଜିଲ୍ଲାରେ ଅତିହାଲୁକା ରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।

**ଅଦା :**

ଅଦା ସାଧାରଣତଃ ଏପ୍ରିଲ ରୁ ମେ ମାସ ମଧ୍ୟରେ ଲଗାଯାଇଥାଏ ଏହା ଅଦା ପାଇଁ ଉପଯୁକ୍ତ ସମୟ ଅଟେ

ବିଶେଷ କରି ଆମ ଓଡ଼ିଶା ରାଜ୍ୟ ପାଇଁ ତିନୋଟି ମୁଖ୍ୟ କିସମ ସୁପ୍ରଭା ସୁରୁଚି ଓ ସୁରଭି ଅନ୍ୟତମ ଅଟେ

ଏକ ଏକର ଜମି ପାଇଁ ୬-୮ କୁଇଣ୍ଟାଲ ଅଦାଖଣ୍ଡ ଦରକାର ହୋଇଥାଏ

ଏହି ଖଣ୍ଡଗୁଡିକ ୨-୩ ଟି ଆଖି ଥାଇ ୧୫ ରୁ ୧୯ ଗ୍ରାମ ଓଜନ ରଖି କାଟିବା ଉଚିତ

ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅ ଔଷଧ ଗୋଳେଇ ଏଥିରେ ପ୍ରାୟ ୫୦ କିଗ୍ରା ଅଦାଖଣ୍ଡ ବିଶୋଧନ କରନ୍ତୁ

ଏହାପରେ ଅଦାଖଣ୍ଡ ଗୁଡିକୁ ଛାଇରେ ଶୁଖାନ୍ତୁ

**ବିରି :**

ସର୍ବୋଚ୍ଚ ଫୁଲ ଆସିବା ଅବସ୍ଥାରେ ଜଳସେଚନ ବ୍ୟବସ୍ଥା କରନ୍ତୁ

ଡେରିରେ ଲଗାଯାଇଥିବା ଫସଲ ବୁଣିବାର ୨ ରୁ ୩ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଓ ଜଳସେଚନ କରନ୍ତୁ

**ମୁଗ :**

ମୁଗ ବୁଣିବାର ୨ ରୁ ୩ ସପ୍ତାହ ହୋଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଓ ଜଳ ସେଚନ କରନ୍ତୁ

ଏହି ସମୟରେ ସାହେବୀ ରୋଗ ଆକ୍ରମଣ କରିବାର ଅଧିକ ସମ୍ଭାବନା ରହିଛି ଏହାର ନିୟନ୍ତ୍ରଣ ପାଇଁ ୧୫ ଲିଟର ପାଣିରେ ୩ ଗ୍ରାମ ହିସାବରେ ଥାୟାମେଥୋଜାମ ମିଶାଇ ସିଞ୍ଚନ କରନ୍ତୁ

ମୁଗ ଫସଲରେ ଅଗ ବିନ୍ଧାପୋକ ଲାଗି କଢ ସବୁ ଖାଇଯାଉଥିଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ

ମୁଗ ଫସଲରେ ସର୍ବୋଚ୍ଚ ଫୁଲ ଆସିବା ଅବସ୍ଥାରେ ଜଳସେଚନର ବ୍ୟବସ୍ଥା କରନ୍ତୁ

**ଖରାଟିଆ ଚିନାବାଦାମ :**

ପେଗ୍ ଅନୁପ୍ରବେଶ ଏବଂ ପୋଡ୍ ବିକାଶକୁ ସହଜ କରିବା ପାଇଁ ତାପମାତ୍ରା ବୃଦ୍ଧି ହେତୁ ଜଳସେଚନ ଯୋଗାଏ |

ଫୁଲ ଫୁଟିବା ପରେ, ଆନ୍ତଚାଷ କାର୍ଯ୍ୟ ଅଭ୍ୟାସ କରନ୍ତୁ ନାହିଁ, କାରଣ ଏହି ସମୟଠାରୁ, ଫୁଲର ଗୁଣ୍ଡ ଏବଂ ଏହାର ପୋଡାଗୁଡ଼ିକ ପ୍ରବେଶ କରି ଫଳ ସେଟ୍ କରନ୍ତି |

**ପୋଟଳ :**

ପୋଟଳ ଫୁଲ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ । କାରଣ ଘାସ ଜମିର ଆଦ୍ରର୍ତା ବଜାୟ ରଖିବାରେ ସାହାଯ୍ୟ କରେ ।

ଚେରରେ ଲଗାଯାଇଥିବା ପୋଟଳରେ ଫୁଲ ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ ।

**ଗେଣ୍ଡୁଫୁଲ :**

ଗେଣ୍ଡୁ ପଛରେ ହେଲିକୋଭରପା ଓ ପତ୍ରସୁଡ଼ଙ୍ଗୀ ପୋକ ତଥା ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲଫାନ ଓ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡାଇକୋଫଲ ସିଞ୍ଚନ କରନ୍ତୁ

**ହଳଦୀ :**

ଏକ ଜମିରେ ବାରମ୍ବାର ହଳଦୀଚାଷ ନ କରିବା ।

ହଳଦୀ ସିଝାଇବା ପୂର୍ବରୁ ମାଟି ଓ ଧୂଳି କୁ ବାହାର କରିଦେବା ।

ଅମଳ ହଳଦୀ କୁ ଅତି ବେଶୀରେ ଦୁଇ ଦିନ ମଧ୍ୟରେ ସିଝାଇବା ।

ହଳଦୀରେ କୌଣସି ରାସାୟନିକ ପଦାର୍ଥ ନ ମିଶାଇବା ।

ମା ଖଣ୍ଡ ଓ ଖଣ୍ଡ ହଳଦୀକୁ ଏକତ୍ର ଗରମ ନ କରିବା ।

**ପ୍ରାଣୀ :**

ତାପମାତ୍ରା ବୃଦ୍ଧି ହେତୁ ପଶୁମାନଙ୍କୁ ସଫା ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଥାଏ | ପଶୁ ଶେଡରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ | ଦିନର ଗରମ ସମୟରେ ପଶୁମାନଙ୍କୁ ଛାଡନ୍ତୁ ନାହିଁ |

**ମାଛ ଚାଷ :**

ବିଷାକ୍ତ ପ୍ରଭାବକୁ ନିବାରଣ କରି ମାଛ ଉତ୍ପାଦନରେ ଚୂନ ବହୁବିଧ ଉପକାରୀ ଭାବେ ସାବ୍ୟସ୍ତ ହୁଏ

ଚୂନ ପ୍ରୟୋଗ ଫଳରେ ପୋଖରୀରେ ଅଙ୍ଗାର ଆମ୍ଳୀକରଣରେ ସହାୟ ହୁଏ ଏବୌଁ ବିଭିନ୍ନ ରୋଗକାରୀ ଜୀବାଣୁ ମାନଙ୍କୁ ଦମନ କରି ପରିବେଶ ନିରୋଗ ରଖେ

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ସିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*